# Akashvani, Sambalpur

## SAMBALPURI NEWS BULLETIN

### 27 January 2026 – 6.47- 6.52 am.

*********************************************

ଆଦିବାସୀ ମେଳା          ଆଇ.ଆଣ୍ଡ୍.ପି.ଆର୍

ଆଧୁନିକ୍ ଭାରତ୍‌ର ଇତିହାସ୍ ଆଉ ସ୍ୱାଧୀନତା ସଂଗ୍ରାମ୍‌ଥି ଆଦିବାସୀମାନ୍‌କର୍ ତ୍ୟାଗ ଆଉ ବଳିଦାନ୍ କେତ୍‌ନିକେତେ ରହିଥିଲା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଆଦିବାସୀ ପଡ଼ିଆ ନ ଗଲାକାଏଲ୍ ଆଦିବାସୀ ମେଳା ୨୦୨୬ ଶୁଭାରମ୍ଭ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ବିବିଧ ସଂସ୍କୃତି ଭୂମି ଓଡ଼ିଶାର୍ ଆଦିବାସୀମାନ୍‌କର୍ ଜୀବନ୍ ଶୈଲୀ, ପରମ୍ପରା ଆଉ ଚିନ୍ତାଧାରା ସମାଜ୍‌କେ ଗୁଟେ ନୂଆଁ ଦିଗ୍‌ଦର୍ଶନ୍ ଦେଇଛେ । ଆଦିବାସୀ ମାନ୍‌କର୍ ବିକାଶ୍ ଲାଗି ରାଜ୍ୟ ସର୍‌କାର୍ ଦକ୍ଷିଣ ଓଡ଼ିଶା ବିକାଶ୍ ପରିଷଦ୍ ଆଉ ଉତର୍ ଓଡ଼ିଶା ବିକାଶ୍ ପରିଷଦ୍ ଗଠନ୍ କର୍‌ବାର୍‌କେ ପଦକ୍ଷେପ୍ ନେଇଛନ୍ । ଆଦିବାସୀମାନେ ରହୁଥିବା ଜମି, ଜଙ୍ଗଲ୍, ଆଉ ପାଏନ୍‌ର ସୁରକ୍ଷା ଦାୟିତ୍ୱ ସର୍‌କାର୍‌ଙ୍କର୍ ଆଏ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଫେବୃଆରୀ ୫ ତାରିଖ୍‌ତକ୍ ହେବାର୍‌କେ ଥିବା ମେଳାଥି ୧୧ ଶହ ୪୦ ଅଂଶଗ୍ରହଣ୍‌କାରୀ ସାମିଲ୍ ହେଇଛନ୍ । ଇ ଅବ୍‌ସରେ ଶହେ ୯ ଟା ଷ୍ଟଲ୍‌ଥି ଆଦିବାସୀମାନ୍‌କର୍ ତିଆର୍ ଦରବ୍ ଆଉ କଳାକୃତି ପ୍ରଦର୍ଶନ୍ କରାଯାଉଛେ । ଇତାର୍ ସହେତେ ୧୦ ଟା ଷ୍ଟଲ୍ ନ ଆଦିବାସୀମାନ୍‌କର୍ ପାରମ୍ପାରିକ୍ ବାସସ୍ଥାନ୍‌ର ପ୍ରଦର୍ଶନ୍ କରାଯାଇଛେ ।

ପ୍ରଗତି-ଓଡ଼ିଶା ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରଗତି ପ୍ଲାଟ୍‌ଫର୍ମ ଗଲା ୧୦ ବଛର୍ ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ୫୦ ଟା ବୈଠକ୍ ଜରିଏ ସଫଲତାର୍ ସହେତେ ଦେଶର୍ ବହୁତ୍‌ଟେ ଉନ୍ନୟନ୍ ପ୍ରକଳ୍ପର୍ ସମୀକ୍ଷା କରାଯାଇକରି ତାର୍ କାର୍ଯ୍ୟାନ୍ୱୟନ୍ କରାଯାଇପାରିଛେ । ପ୍ରଗତି ଜରିଏ ଓଡ଼ିଶାର୍ ହରିଦାସ୍‌ପୁର୍, ପାରାଦ୍ୱୀପ୍ ନୂଆଁ ରେଲ୍‌ଲାଇନ୍ ପ୍ରକଳ୍ପର୍ ସମୀକ୍ଷା କରାଯାଇକରି ନିର୍ମାଣ୍‌କାମ୍ ତୁର୍‌ତି କରାଯାଇପାରିଛେ । ୮୨ କିଲୋମିଟର୍ ଲମ୍ବା ଇ ପ୍ରକଳ୍ପ ପୂର୍ବ ଭାରତ୍‌ର୍ ଖଣି ସମ୍ପନ୍ନ ଇଲାକା ସହେତେ ପାରାଦ୍ୱୀପ୍ ବନ୍ଦର୍ ସାଙ୍ଗେ ଜୁଡ଼ି ହେଇଛେ । ୧୯୯୭ ମସିହା ଜାନୁଆରୀ ମାସେ ମଞ୍ଜୁର୍ ହେଇଥିବା ଇ ପ୍ରକଳ୍ପକେ କାର୍ଯ୍ୟକାରୀ କର୍‌ବାର୍ ଲାଗି ବହୁତ୍‌ଟେ ସମସ୍ୟା ଦେଖାଦେଇଥିଲା । ହେଲେ ପ୍ରଗତି ପ୍ଲାଟ୍‌ଫର୍ମ ଜରିଏ ପ୍ରକଳ୍ପର୍ ସମୀକ୍ଷା କରାଯାଇକରି ସବୁ ବାଧା ଦୂର୍

କରାଯାଇଥିଲା । ତାର୍ ଉତ୍‌ରୁ ପ୍ରକଳ୍ପ କାମ୍ ସୁରୁଖୁରୁଥି ହେବାର୍ ସହେତେ ୨୦୨୦ ମସିହା ବେଲ୍‌କେ ହରିଦାସ୍‌ପୁର୍ -ପାରାଦ୍ୱୀପ୍ ରେଲ୍‌ଲାଇନ୍ କାର୍ଯ୍ୟକ୍ଷମ୍ ହେଇପାରିଥିଲା ।

ରାଷ୍ଟ୍ରପତି-ଏଟ୍ ହୋମ୍ ରିସେପ୍‌ସନ        ଏନ୍‌ଏସ୍‌ଡି

୭୭ ନମ୍ବର୍ ଗଣତନ୍ତ୍ର ଦିବସ୍ ଅବ୍‌ସରେ ଗଲାକାଏଲ୍ ସଞ୍ଜ୍‌ବେଲେ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କର୍ ତର୍‌ଫୁ 'ଏଟ୍ ହୋମ୍ ରିସେପ୍‌ସନ୍'ର ଆୟୋଜନ୍ କରାଯାଇଥିଲା । ଗଣତନ୍ତ୍ର ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିବା  ୟୁରୋପୀୟ ପରିଷଦ୍‌ର ଅଧ୍ୟକ୍ଷ ଏଂଟୋନିଓ କୋଷ୍ଟା ଆଉ ୟୁରୋପୀୟ କମିଶନ୍ ର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲିୟେନ୍‌ଙ୍କର୍ ସହେତେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ଅଲ୍‌ଗା ଅତିଥି ମାନେ ରିସେପ୍‌ସନ୍‌ଥି ସାମିଲ୍ ହେଇଥିଲେ । ବିଶିଷ୍ଟ ବ୍ୟକ୍ତିବିଶେଷଙ୍କର୍ ସହେତେ ଭିନ୍ ଭିନ୍ କ୍ଷେତ୍ରଥି ଦେଶ୍ ସେବା ଦିଗେ ପ୍ରଶଂସନୀୟ କାମ୍ କରିଥିବା ବ୍ୟକ୍ତିବିଶେଷ ଭିଲ୍ ସମାରୋହଥି ସାମିଲ୍ ହେଇଥିଲେ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇଛନ୍ ।

ଓଡ଼ିଶାର୍ ପ୍ରଜ୍ଞାପନ ମେଢ଼        ଆର୍‌ଏନ୍‌ୟୁ/ ସମ୍ବଲପୁର

‘ମାଏଟ୍ ନୁ ସିଲିକନ୍ ତକ୍ଃ ପରମ୍ପରା ସଙ୍ଗେ ଜୁଡ଼ି ହେଇକରି ନୂଆଁ ସୃଜନ୍ ସହେତେ ଆଗ୍‌କେ ବଢ଼୍‌ବାର୍’ ବାର୍ତା ନେଇକରି ନୂଆଦିଲ୍ଲୀ କର୍ତବ୍ୟ ପଥ ନ ଗଲାକାଏଲ୍ ୭୭ ନମ୍ବର୍ ଗଣତନ୍ତ୍ର ଦିବସ୍ ପରେଡ୍‌ଥି ସାମିଲ୍ ଓଡ଼ିଶାର୍ ପ୍ରଜ୍ଞାପନ ମେଢ଼ ସାମିଲ୍ ହେଇଥିଲା । ଇଥି ସାମିଲ୍ ହେଇଥିବା ୩୦ ଟା ପ୍ରଜ୍ଞାପନ ମେଢ଼ ଭିତ୍‌ରୁ ସବୁନୁ ଭଲ୍ ମେଢ଼ ବାଛ୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଭୋଟିଂ ମୁଲ୍ ହେଇଛେ । ନିଜର୍ ମନ୍‌ପସନ୍ଦ୍‌ର ପ୍ରଜ୍ଞାପନ ମେଢ଼ ବାଛ୍‌ବାର୍ ଲାଗି ମାଇ ଗଭ୍ ପୋର୍ଟାଲ୍‌ଥି ଆଝିର୍ ରାତିର୍ ୧୧ ବାଜିକରି ୪୫ ମିନିଟ୍ ଭିତ୍‌ରେ ଦେଶ୍‌ବାସୀ ଭୋଟ୍ ଦେଇପାର୍‌ବେ । ଓଡ଼ିଶାର୍ ପ୍ରଜ୍ଞାପନ ମେଢ଼କେ ଜିତାବାର୍ ଲାଗି ଭୋଟ୍ ଦେବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ରାଜ୍ୟବାସୀଙ୍କୁ ଆହ୍ବାନ୍ ଦିଆଯାଇଛେ ।

ପରୀକ୍ଷା ପେ ଚର୍ଚ୍ଚା        ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଆଏବା ମାସ ହେବା । ଚାପମୁକ୍ତ ଭାବେ ପରୀକ୍ଷା ଦେବାର୍ ଲାଗି ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶର୍ ଭିନ୍ ଭିନ୍ ଇଲାକାର୍ ଛାତ୍ରଛାତ୍ରୀ ଆଉ ଅଭିଭାବକ୍‌ମାନ୍‌କର୍ ସଙ୍ଗେ ସିଧାସଲଖ୍ ଭାବ ବିନିମୟ

କର୍‌ବେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ସାରା ଦେଶେ ଗୁଟେ ଆନ୍ଦୋଲନ୍‌ଥି ପରିଣତ୍ ହେବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଚାପମୁକ୍ତ ପରୀକ୍ଷା ପରିବେଶ୍‌କେ ତହଁକଉଛେ । ଛାତ୍ରଛାତ୍ରୀମାନେ ନିଜ୍‌କୁ ପରୀକ୍ଷା ଯୋଦ୍ଧା ଭାବେ ଇ ବଛ୍‌ରର୍ ସଂସ୍କରଣ୍‌ଥି ସକ୍ରିୟ ଭାବେ ଯୋଗ୍ ଦେବାର୍ ସହେତେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ମାର୍ଗଦର୍ଶନ୍‌ନୁ ଲାଭ୍ ନେଇପାର୍‌ବେ । ସୂଚ୍‌ନା ଅନ୍‌ସାରେ କାର୍ଯ୍ୟକ୍ରମ୍ ଲାଗି ୪ କୋଟିନୁ ଅଏତ୍‌କା ପଞ୍ଜିକରଣ୍ ହେଇକରି ଗୁଟେ ନୂଆଁ ଅଂଶଗ୍ରହଣ୍ ରେକର୍ଡ୍ ହେଇଛେ ।

ଆଲୋଚନାଚକ୍ର ବଲାଙ୍ଗିର୍ ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମୁକ୍ତ ବିଚାର୍ ମଂଚ୍ ତର୍‌ଫୁ ବଲାଙ୍ଗିର୍ ଜିଲ୍ଲା ଲାଠୋର୍ ସହର୍ ନ ସାବିତ୍ରୀ ଭାଇଙ୍କର୍ ଜନମ୍ ମାସ୍ ଅବ୍‌ସରେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଆୟକର୍ ବିଭାଗ୍‌ର ଆଘର୍ ଆୟୁକ୍ତ ଶ୍ରୀକାନ୍ତ ଚାଟାର୍ଜୀ କାର୍ଯ୍ୟକ୍ରମ୍‌ଥି ସଭାପତିତ୍ୱ କରିଥିଲେ । ଇ ଅବ୍‌ସରେ ଅତିଥି ମାନେ ନିଜର୍ ନିଜର୍ ମତାମତ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ସହରର୍ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଉପସ୍ଥିତ୍ ଥିଲେ ।

ହକି ଇଣ୍ଡିଆ ଲିଗ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗ ମେଚ୍‌ଥି ଗଲାକାଏଲ୍ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଦଲ୍ ଚାମ୍ପିଅନ୍ ହେଇଛେ । ରାଂଚି ରୟାଲ୍ସକେ ୩-୨ ଗୋଲ୍‌ଥି ହରେଇକରି କଳିଙ୍ଗ ଲାନ୍‌ସର୍ସ ଦଲ୍ ଫାଇନାଲ୍ ଜିତିଛେ । ସେଆଡ଼େ ଗଲାକାଏଲ୍ ହେଇଥିବା ଆଉ ଗୁଟେ ମେଚ୍‌ଥି ହାଇଦ୍ରାବାଦ୍ ତୋଫାନ୍ସ ଦଲ୍ ଏଚ୍‌ଆଇଏଲ୍ ଜି.ସି. ଦଲ୍‌କେ ୪/୩ ଗୋଲ୍‌ଥି ହରେଇକରି ୩ ନମ୍ବର୍ ଠାନେ ରହିକରି କାଂସ୍ୟପଦକ୍ ହାସଲ୍ କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପର୍ଶ୍ଚିମାଝଡ଼୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୪/୫ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆହୁରି କମ୍‌ବା । ତାର୍ ଉତ୍‌ରୁ ରାତିର୍ ତାପମାତ୍ରା ଫେର୍ ୨ ରୁ ୩ ଡିଗ୍ରୀ ତକ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍‌, କଲାହାଣ୍ଡି ସହେତେ ରାଜ୍ୟର୍ ୬ ଟା ଜାଗ ନ ହାଲ୍‌କାନୁ ମଧମ୍ ଧରଣ୍‌ରେ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁଁ କୁହାଯାଇଛେ ।